# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**8 October - 2024**

# ମୁଖ୍ୟମନ୍ତ୍ରୀ-ନିଯୁକ୍ତି ପତ୍ର ପ୍ରଦାନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ନବନିଯୁକ୍ତ ୨୮୪ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବେ । ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ନିଯୁକ୍ତିପତ୍ର ବଣ୍ଟନ କରିବେ । ନିଯୁକ୍ତି ପତ୍ର ପାଇବାକୁ ଥିବା ପ୍ରାର୍ଥୀ, ଶକ୍ତିବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଓଡ଼ିଶା ଖଣି ନିଗମ ପାଇଁ ମନୋନୀତ ହୋଇଛନ୍ତି ।

# ସୁଭଦ୍ରା ଯୋଜନା

ରାଜ୍ୟର ଏକକୋଟି ୨୦ହଜାର ମହିଳା ହିତାଧିକାରୀ ଗତକାଲିସୁଦ୍ଧା ସୁଭଦ୍ରା ଯୋଜନାରେ ପଞ୍ଜିକରଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବାରିପଦାଠାରେ ଆସନ୍ତାକାଲି ୩୫ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଅର୍ଥ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଦାନ କରିବେ । ଯୋଜନାର ଅଫିସିଆଲ ୱେବସାଇଟ୍ କିମ୍ବା ଅଫିସିଆଲ ସୋସିଆଲ ମିଡିଆକୁ ଅନୁସରଣ କରିବା ସହ ଟୋଲ୍‌ଫ୍ରି ନମ୍ବର-୧୪୬୭୮କୁ ଡାଏଲ କରି ଯୋଜନା ସମ୍ବନ୍ଧୀୟ ସମସ୍ତ ଅପ୍‌ଡେଟ୍ ହିତାଧିକାରୀ ପାଇପାରିବେ ବୋଲି ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ କୁହାଯାଇଛି ।

# ଏନ୍‌ସିଆର୍‌ଟି ପୁସ୍ତକ ପ୍ରକାଶନ ବୃଦ୍ଧି

ଶିକ୍ଷାକୁ ସମାବେଶୀ କରିବା ଏବଂ ପାଠ୍ୟପୁସ୍ତକର ସୁଲଭ ଯୋଗାଣ ଲକ୍ଷ୍ୟରେ ଗତକାଲି କେନ୍ଦ୍ର ସରକାର ଏବଂ ଇ-କମର୍ସ ପ୍ଲାଟଫର୍ମ ଆମାଜନ, ସେଲର୍ସ ପ୍ରାଇଭେଟ୍ ଲିମିଟେଡ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହାଦ୍ୱାରା ଇ-କମର୍ସ ପ୍ଲାଟଫର୍ମ ମୁଦ୍ରିତ ମୂଲ୍ୟରେ ମୂଳ ଏନ୍‌ସିଆର୍‌ଟି ପାଠ୍ୟପୁସ୍ତକର ବଜାର ଉପଲବ୍ଧତାକୁ ସୁନିଶ୍ଚିତ କରିବ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଆସନ୍ତା ଶିକ୍ଷାବର୍ଷରେ ଏନ୍‌ସିଆର୍‌ଟି ପୁସ୍ତକ ପ୍ରକାଶନ ୩ଗୁଣା ବୃଦ୍ଧି କରି ୧୫କୋଟିରେ ପହଞ୍ଚାଇବାକୁ ବିଚାର କରାଯାଉଛି । ପ୍ରଥମଥର ପାଇଁ ହୋଇଥିବା ଏଭଳି ବୁଝାମଣାପତ୍ର  ଦ୍ୱାରା ଦେଶରେ ପ୍ରାୟ ୨୦ହଜାର ପିନ୍‌କୋଡରେ ପୁସ୍ତକ ଉପଲବ୍ଧ ହେବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ।

# ଛତିଶାନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆଜି ଛତିଶାନିଯୋଗ ବୈଠକ ଅନୁଷ୍ଠିତ ହେବ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ଏହି ବୈଠକରେ କାର୍ତ୍ତିକମାସ ନୀତି ନିର୍ଘଣ୍ଟ, ହବିଷ୍ୟାଳିଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ଅବଢ଼ା ଯୋଜନା ଅଧୀନରେ ଶ୍ରୀମନ୍ଦିର ନାଟ୍ୟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରିବା ପ୍ରସ୍ତାବ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି ।

## ଜାତୀୟ ଜଳପଥ-ବୈଠକ

ରାଜ୍ୟରେ ନିର୍ମାଣ ହେବାକୁ ଥିବା ଜାତୀୟ ଜଳପଥ ୫କୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଭାରତୀୟ ଅର୍ନ୍ତଦେଶୀୟ ଜଳପଥ ପ୍ରାଧିକରଣ ପକ୍ଷରୁ ଗତକାଲି ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି । ଧାମରାରୁ ପାରାଦ୍ୱୀପ ଏବଂ ତାଳଚେରରୁ ମଙ୍ଗଳାଗଦି ପର୍ଯ୍ୟନ୍ତ ଜାହାଜ ଚଳାଚଳର ବ୍ୟବସ୍ଥା କରାଯିବ ବୋଲି ବୈଠକରୁ ଜଣାପଡିଛି । ୩ଟି ପର୍ଯ୍ୟାୟରେ ୫୮୮ କିଲୋମିଟର ଜଳପଥ ନିର୍ମାଣ କରାଯିବ । ପ୍ରଥମ ପର୍ଯ୍ୟାୟରେ ତାଳଚେରରୁ ମଙ୍ଗଳାଗଦି, ଦ୍ୱିତୀୟ ପର୍ଯ୍ୟାୟରେ ଧାମରାରୁ ପାରାଦ୍ୱୀପ ଏବଂ ତୃତୀୟ ପର୍ଯ୍ୟାୟରେ ଚାରବାଟିଆରୁ ଗିଅନଖଲି ପର୍ଯ୍ୟନ୍ତ ଜଳପଥ ଉନ୍ନତିକରଣ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ଜଳଭଣ୍ଡାର-ସ୍ୱୟଂଚାଳିତ ହାଇଡ୍ରୋଲିକ ଗେଟ୍

ଜଳଭଣ୍ଡାର ଗୁଡ଼ିକରେ ଅଧିକ ଜଳ ସଂରକ୍ଷଣ ଲକ୍ଷ୍ୟରେ ସ୍ୱୟଂଚାଳିତ ହାଇଡ୍ରୋଲିକ୍ ଗେଟ୍ ଲଗାଇବାକୁ ରାଜ୍ୟ ଜଳସମ୍ପଦ ବିଭାଗ ନିଷ୍ପତ୍ତି ନେଇଛି । ଆସନ୍ତା ୩ ବର୍ଷ ପାଇଁ ଏ ବାବଦରେ ୨ଶହ ଅଣଚାଳିଶ କୋଟି ୬୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଥିବା ନେଇ ବିଭାଗ ପକ୍ଷରୁ ପ୍ରକାଶିତ ସଂକଳ୍ପପତ୍ରରେ ଦର୍ଶାଯାଇଛି । ଜଳଭଣ୍ଡାରର ସମ୍ପୂର୍ଣ୍ଣ ଜଳଧାରଣ କ୍ଷମତା ଏବଂ ସର୍ବାଧିକ ଜଳସ୍ତର ମଧ୍ୟରେ ଥିବା ପାର୍ଥକ୍ୟକୁ ଦୃଷ୍ଟିରେ ରଖି ଅତିରିକ୍ତ ଜଳ ସଂରକ୍ଷଣ ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି । ପାନୀୟଜଳ, ଜଳସେଚନ ପରିସୀମା ବୃଦ୍ଧି ଏବଂ ଶିଳ୍ପ କ୍ଷେତ୍ରପାଇଁ ଅତିରିକ୍ତ ସଂରକ୍ଷିତ ଜଳ ବ୍ୟବହାର କରାଯାଇ ପାରିବ ବୋଲି ବିଭାଗ କହିଛି ।

# ଜଳବିଦ୍ୟୁତ୍ ଉତ୍ପାଦନ

ରାଜ୍ୟରେ ଜଳବିଦ୍ୟୁତ୍ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ପଦକ୍ଷେପ ନିଆଯାଉଛି । ପରିବେଶ ଉପଯୋଗୀ ବିଦ୍ୟୁତ୍ ଉତ୍ପାଦନକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଏଥିପାଇଁ ଜଳ, ବାୟୁ ଏବଂ ସୌର ବିଦ୍ୟୁତ୍ ପ୍ରକଳ୍ପକୁ ପ୍ରାଧାନ୍ୟ ଦିଆଯିବ । କଳାହାଣ୍ଡି ଏବଂ ମାଲକାନଗିରିରେ ଜଳବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓଏଚ୍‌ପିସି ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଶକ୍ତିକ୍ଷେତ୍ରରେ ସ୍ଥାୟୀ ପ୍ରଗତି ଏବଂ ସବୁଜ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

# ମୁଖ୍ୟ ସୂଚନା ଆୟୁକ୍ତ ନିଯୁକ୍ତ

ରାଜ୍ୟର କାର୍ଯ୍ୟକାରୀ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ସୁଶାନ୍ତ କୁମାର ମହାନ୍ତିଙ୍କୁ ନିଯୁକ୍ତ କରାଯାଇଛି । ରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି । ମୁଖ୍ୟ ସୂଚନା ଆୟୁକ୍ତ ଜଳଦ କୁମାର ତ୍ରିପାଠୀ ଗତ ୪ ତାରିଖରେ ଅବସର ଗ୍ରହଣ କରିଛନ୍ତି । ନୂତନ ମୁଖ୍ୟ ସୂଚନା ଆୟୁକ୍ତ ନିଯୁକ୍ତ ହେବା ପର୍ଯ୍ୟନ୍ତ ଶ୍ରୀ ମହାନ୍ତି ଏହି ଦାୟିତ୍ୱ ନିର୍ବାହ କରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

# ଜଙ୍ଗଲ ଜମି ପଟ୍ଟା ବଣ୍ଟନ

ବରଗଡ ଜିଲ୍ଲା ପାଇକମାଳ ତହସିଲ ଅନ୍ତର୍ଗତ ୧୦ଟି ଗାଁକୁ ଜଙ୍ଗଲ ଅଧିକାର ଆଇନ୍ ଅନୁସାରେ ସାମୁହିକ ପଟ୍ଟା ବଣ୍ଟନ କରାଯାଇଛି । ଜଙ୍ଗଲ ଜମିର ବିକାଶ ସହିତ ସାମୁହିକ ବ୍ୟବହାର ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ପଦ୍ମପୁର ତହସିଲ ଅଧୀନରେ ଥିବା ୧୧ଟି ଗ୍ରାମକୁ ମଧ୍ୟ ଗୋଷ୍ଠୀଗତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି । ଏହାଦ୍ୱାରା ଗ୍ରାମବାସୀଙ୍କୁ ଜଙ୍ଗଲଜାତ ସାମଗ୍ରୀ ସଂଗ୍ରହ ଏବଂ ବିକ୍ରିବଟା ପାଇଁ ଅନୁମତି ମିଳିବ ।

# ଶିମିଳିପାଳ ଜାତୀୟ ଉଦ୍ୟାନ

ଶିମିଳିପାଳ ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ଆସନ୍ତା ୧୦ ତାରିଖରୁ ଖୋଲାଯିବ । ପର୍ଯ୍ୟଟକଙ୍କ ପାଇଁ ଚଳିତବର୍ଷ ଦୁଃସାହସିକ କ୍ରୀଡ଼ା, ଜଙ୍ଗଲ ସଫାରୀ, ମାଉଣ୍ଟେନ ସାଇକେଲିଙ୍ଗ ଭଳି ନୂତନ କ୍ରୀଡ଼ାକୁ ସାମିଲ କରାଯାଇଛି । ସେଠାରେ ନେଚର ଗେମିଂର ମଧ୍ୟ ସୁବିଧା କରାଯାଇଛି । ସୁରକ୍ଷିତ ଭାବେ ଭ୍ରମଣ ପାଇଁ ସ୍ୱତନ୍ତ୍ର ପଥ ପ୍ରସ୍ତୁତ କରାଯାଇଥିବା ଶିମିଳିପାଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ଆଥ୍‌ଲେଟିକ୍ ଚାମ୍ପିୟନସିପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ୩୫ତମ ପୂର୍ବାଞ୍ଚଳ ଜୁନିୟର ଆଥ୍‌ଲେଟିକ୍ ଚାମ୍ପିୟନସିପ୍ ଗତକାଲିଠାରୁ ଆରମ୍ଭ ହୋଇଛି । ପ୍ରଥମ ଦିବସରେ ବିଭିନ୍ନ ପ୍ରତିଯୋଗିତାରେ ଓଡ଼ିଶାକୁ ୩୬ଟି ପଦକ ମିଳିଛି ।

ସେଥିରେ ୧୧ଟି ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୧୪ଟି ବ୍ରୋଞ୍ଜ ପଦକ ରହିଛି । କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟନୀ ସମାରୋହରେ ଯୋଗଦେବା ସହ ପଦକ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି ।